# Govt Nod to Omfed for Capacity Expansion

Express News Service

**Bhubaneswar:** The State-owned Omfed's plans to augment its milk production has received a boost with the State Government approving establishment of a fully automatic dairy plant project at an estimated ₹285 crore.

The modern plant is proposed to be set up at Choudwar in Cuttack district. This will help Omfed expand its capacity from five lakh litre per day (LLPD) to 12 LLPD. A high-power committee of the Government, chaired by Development Commissioner UN Behera, on Wednesday approved the project.

In November last year, Chief Minister Naveen Patnaik had directed capacity augmentation of Omfed



through a new plant to cater to the growing needs of consumers.

Chairman, Omfed, Bishnupada Sethi presented the detailed project report (DPR) for the new plant which has been prepared by NDDB subsidiary, Indian Diary Machinery Company.

He said Omfed has prepared a blueprint to enhance average milk procurement from 5.5 LLPD to 10 LLPD. Similarly, Omfed has decided to augment liquid milk marketing from five LLPD to 12 LLPD.

Sethi, Principal Secretary, Fisheries and Animal Resources Development Department, said Omfed is working on enrolment of more farmer members in dairy cooperatives since the target is to move from 2.8 lakh to five lakh members. Similarly, the number of dairy cooperatives will be raised from 5,553 to 7 000, he said.

With the additional five LLPD milk handling capacity, Omfed will be able to market more milk and produce dairy-based products like curd, ghee, flavoured milk and paneer too. Sethi also said the Federation has managed to mobilise funds from various sources to support its expansion endeavours. It received a ₹48 crore grant from the Ministry of Tribal Affairs (MoTA) recently.

# ଓମ୍‌ଫେଡ୍ ଦିନକୁ ୧୨ ଲକ୍ଷ ଲିଟର କ୍ଷୀର ଉତ୍ପାଦନ କରିବ

**ଭୁବନେଶ୍ୱର, ୨୦।୫ : ତଥ୍ୟ**

ଓମଫେଡ୍ ନିଜ ଦୁଗ୍ଧ ଉତ୍ପାଦନ କ୍ଷମତା ଦୈନିକ ୧୨ ଲକ୍ଷ ଲିଟରକୁ ବୃଦ୍ଧି କରିବା ପାଇଁ ପ୍ରାୟ ୨୮୬ କୋଟି ଟଙ୍କା ବିନିଯୋଗରେ ଏକ ଅତ୍ୟାଧୁନିକ କାରଖାନା ଚୌଦ୍ୱାର ଠାରେ ପ୍ରତିଷ୍ଠା କରିବ । ରାଜ୍ୟ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଆଜି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି । ଉନ୍ନୟନ କମିଶନର ଉପେନ୍ଦ୍ରନାଥ ବେହେରାଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି କମିଟି ଓମ୍‌ଫେଡ୍‌ର କ୍ଷମତା ସମ୍ପ୍ରସାରଣ ପାଇଁ ନୂତନ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ଏଥି ସକାଶେ ଋଣ ଆଣିବାପାଇଁ ନାବାର୍ଡ ନିକଟରେ ପ୍ରସ୍ତାବ ଉପସ୍ଥାପିତ କରାଯିବ । ଓମ୍‌ଫେଡ୍‌ର ଅଧ୍ୟକ୍ଷ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଶାସନ ସଚିବ ବିଷ୍ଣୁପଦ ସେଠୀ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଏଥିରୁ ଜଣାଯାଇଛି ଯେ ଓମ୍‌ଫେଡ୍ ବର୍ତ୍ତମାନ ଦୈନିକ ୫ ଲକ୍ଷ ୫୦ ହଜାର ଲିଟର ଦୁଗ୍ଧ ସଂଗ୍ରହ କରୁଛି ଯାହାକି ପ୍ରକ୍ରିୟାକରଣ କରିବା ଏବେକାର କାରଖାନାରେ ସମ୍ଭବପର ହେଉନାହିଁ ।

ପ୍ରତିଦିନ ଦୁଗ୍ଧ ସଂଗ୍ରହ ପରିମାଣ ବୃଦ୍ଧି ପାଇବାରେ ଲାଗିଛି ଏବଂ ଦୁଗ୍ଧବନ୍ୟା ଯୋଜନାରେ ଏହା କିଛିବର୍ଷ ମଧ୍ୟରେ ଦୈନିକ ୧୦ ଲକ୍ଷ ଲିଟରକୁ ବଢିଯିବ । ତାହାକୁ ଆଖିଆଗରେ ରଖି ଏହି ୫ ଲକ୍ଷ ଲିଟର ଅଧିକ ଦୁଗ୍ଧକୁ ବିଶୁଦ୍ଧକରି ଖାଉଟିଙ୍କ ନିକଟରେ ପହଞ୍ଚାଇବାପାଇଁ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । ଏହି ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ସହାୟକ ସଂସ୍ଥାର ସହଯୋଗ ଲୋଡାଯାଇଛି । ଆଗାମୀ ୨୦୨୦ ବେଳକୁ ଦୈନିକ ୧୨ ଲକ୍ଷ ଲିଟର କ୍ଷୀର ଓମଫେଡ ଉପଭୋକ୍ତା ମାନଙ୍କୁ ଯୋଗାଇଦେବାର ଲକ୍ଷ୍ୟ ରଖିଛି ।

ପ୍ରଥମଥର ପାଇଁ ଓମ୍‌ଫେଡ୍ ନିଜର କ୍ଷମତା ଏତେ ଅଧିକ ପରିମାଣରେ ବୃଦ୍ଧି କରୁଥିବା ଯୋଗୁଁ ଏହା ମହାସଂଘର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବବୋଲି ମହାପ୍ରବନ୍ଧକ ବସନ୍ତ କୁମାର ମିଶ୍ର କହିଛନ୍ତି । ବର୍ତ୍ତମାନ ଓମ୍‌ଫେଡ୍ ଜରିଆରେ ୫୫୫୩ ଗୋଟି ଦୁଗ୍ଧ ସମବାୟ ସମିତି କାର୍ଯ୍ୟ କରୁଥିବାବେଳେ ଏହାକୁ ସାତ ହଜାରରେ ପହଞ୍ଚାଇବାପାଇଁ ଉଦ୍ୟମ ଆରମ୍ଭ ହୋଇଛି । ସେହିଭଳି ଭାବରେ ପ୍ରତିମାସ ୫୦୦୦ ମେଟ୍ରିକଟନ୍ ଗୋଖାଦ୍ୟ ଯୋଗାଇଦେବାପାଇଁ ଯେଉଁ ଯୋଜନାଥିଲା ତାହାକୁ ଦ୍ୱିଗୁଣିତ କରିବାଲାଗି ସ୍ଥିର ହୋଇଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓମ୍‌ଫେଡ୍ କ୍ଷମତାର ସମ୍ପ୍ରସା
ନିମନ୍ତେ ଗତବର୍ଷ ନଭେମ୍ବର ମାସ
ସବୁଜ ସଙ୍କେତ ଦେବାପରେ
ପ୍ରକଳ୍ପ ପାଇଁ ସୁବିସ୍ତୃତ ପ୍ରକଳ୍ପ ରିପୋ
ପ୍ରସ୍ତୁତ କରାଯାଇଥିଲା । ଆଜି
ରିପୋର୍ଟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି
ଉପସ୍ଥାପନ କରାଯିବାପରେ କମି
ତାହାକୁ ମଞ୍ଜୁରୀ ଦେଇଛନ୍ତି । ଏ
ଫଳରେ **(ଶେଷ ପୃଷ୍ଠା ଦେଖନ୍ତୁ)**

ଓମ୍‌ଫେଡ୍‌ର କ୍ଷମତାବୃଦ୍ଧି ସାଙ୍ଗକୁ ତାହାର ସମ୍ପ୍ରସାରଣ କ୍ଷେତ୍ରରେ ବିଶେ
ସହାୟକ ହୋଇପାରିବ ବୋଲି କର୍ତ୍ତୃପକ୍ଷ ଆଶାନ୍ୱିତ ।